## ସଂକ୍ଷେପରେ

### ସିନ୍ଧ୍ରିମାଳରେ ନୂତନ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ମାଲକାନଗିରି,୧୬ା୩ (ଡି.ଏନ୍.ଏ.): ମାଲକାନଗିରି ଜିଲା ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଘାସି ନାୟକ ବୁଧବାର ପଞ୍ଚାୟତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପିଇଓ ଅଶୋକ ମହାନ୍ତିଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଯୁବ ନେତା ସଦାନନ୍ଦ ଖରା, ଯୋଗାଣ ସହାୟକ ରାବଣା ଦନ୍ତାକଲା ଉପସ୍ଥିତ ଥିଲେ। ଘାସି ପୂର୍ବରୁ ୨୦୦୨ରୁ ୨୦୦୭ ଓ ୨୦୧୨ ରୁ ୨୦୧୭ ଦୁଇଥର କଂଗ୍ରେସ ସମର୍ଥନରେ ସିନ୍ଧ୍ରିମାଳ ପଞ୍ଚାୟତର ସରପଞ୍ଚ ରୂପେ ଦାୟିତ୍ୱ ତୁଲାଇଥିଲେ। ଚଳିତ ନିର୍ବାଚନ ପୂର୍ବରୁ ସେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ସହ ବିଜେଡିରେ ଯୋଗଦେଇ ତୃତୀୟ ଥର ପାଇଁ ସରପଞ୍ଚ ହୋଇଛନ୍ତି। ନିଜ ଅଞ୍ଚଳର ବିକାଶ ପ୍ରତି ସେ ଅଗ୍ରାଧିକାର ଦେବେ ବୋଲି ପ୍ରକାଶ କରିଛନ୍ତି।

### ଶେଷ ହେଲା ପ୍ରସିଦ୍ଧ ନାକଟି ମା ଯାତ୍ରା

ମାଲକାନଗିରି,୧୬ା୩ (ଡି.ଏନ୍.ଏ.): ମାଲକାନଗିରି ଜିଲାରେ ଚାଲିଥିବା ମା' ନାକଟେଶ୍ୱରୀଙ୍କ ପ୍ରସିଦ୍ଧ ଯାତ୍ରା ଶେଷ ହୋଇଛି। ଦୁଇବର୍ଷରେ ଥରେ ଏହି ଯାତ୍ରା ହୋଇଥାଏ। ଗତ ଦୁଇବର୍ଷ କରୋନା କଟକଣା ଯୋଗୁ ଯାତ୍ରା ବନ୍ଦ ଥିଲା। ଏବେ କରୋନା କଟକଣା କୋହଳ ହେବା ପରେ ଚଳିତବର୍ଷ ଯାତ୍ରା କରିବା ନେଇ କମିଟି ନିଷ୍ପତ୍ତି ନେଇଥିଲା। ରବିବାରଠାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ତିନିପଡୋଶୀ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଜୟପୁରରେ ବିଜେଡିର ପ୍ରଚାର

ଜୟପୁର,୧୬ା୩ (ନି.ପ୍ର.): ଜୟପୁର ପୌର ନିର୍ବାଚନ ନିମନ୍ତେ ବିଜୁ ଜନତା ଦଳର ପୌରାଧକ୍ଷ ପ୍ରାର୍ଥୀ ସୂର୍ଯ୍ୟନାରାୟଣ ରଥ ନିଜ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବୁଧବାର ସେ ବିଜେଡିର କୋରାପୁଟ ଜିଲା ସଭାପତି ଈଶର ପାଣିଗ୍ରାହୀଙ୍କ ନେତୃତ୍ୱରେ ରାଜନଗରଠାରୁ ଜୟପୁର ସହର ମୁଖ୍ୟ ରାସ୍ତାରେ ଏକ ବିଶାଳ ରାଲି କରି ପ୍ରଚାର କରିଛନ୍ତି।ଏଥିରେ ଜୟପୁରର ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ରମାକାନ୍ତ ରାଉଳ, ଲାଲା ରାୟ ଏବଂ କାଉନସିଲର ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

### ଶେଷ ହେଲା ଭେଜାଙ୍ଗିୱାଡା ବଡଯାତ୍ରା



କାଲିମେଳା, ୧୬ା୩(ଡି.ଏନ.ଏ.): ମାଲାକାନଗିରି ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଜାଙ୍ଗିୱାଡ଼ା ଗ୍ରାମରେ ଚାଲୁଥିବା ବଡ଼ଯାତ୍ରା ଶେଷ ହୋଇଛି । ଏହି ଯାତ୍ରା ୧୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୬ ତାରିଖରେ ଶେଷ ହୋଇ ମାନ୍ୟମକୋଣ୍ଡା ଅଭିମୁଖେ ଠାକୁର ଫେରିଛନ୍ତି। ଗତ ୧୩ ତାରିଖ ରାତିରେ ୩ ଠାକୁର ବାଲରାଜୁ, କାନାମରାଜୁ ଓ ପୋତରାଜୁଙ୍କ ସହ ଦେବୀ ମୁତ୍ୟାଲୁମାଙ୍କ ବିଜେ ପ୍ରତିମା ମାନ୍ୟମକୋଣ୍ଡା ପାହାଡ଼ ଗୁମ୍ଫାରୁ ଭେଜାଙ୍ଗିୱାଡ଼ା ଅଭିମୁଖେ ଯାତ୍ରା କରି ପୂଜାରୀ ଘରେ ରହିଥିଲେ। ୧୪ରେ ୩ ଠାକୁରଙ୍କୁ ସିଂହାସନ ଉପରେ ବିଜେ କରାଯାଇଥିଲା। ୧୫ରେ ଦେବଦେବୀ ସିଂହାସନ ଉପରେ ଥାଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ୧୬ ତାରିଖରେ ପୁନର୍ବାର ନିଜ ଆସ୍ଥାନ ମାନ୍ୟମକୋଣ୍ଡା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିବା ଭେଜାଙ୍ଗିୱାଡା ପୂଜା କମିଟି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପ୍ରତି ଦୁଇ ବର୍ଷରେ ଥରେ ଭେଜାଙ୍ଗିୱାଡ଼ାରେ ଏହି ବଡ଼ଯାତ୍ରା ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ସହ ପଶୁପକ୍ଷୀ ବଳି ଦେବାର ପରମ୍ପରା ମଧ ଯାତ୍ରାରେ ରହିଛି । ଏଥିପାଇଁ ବଡ଼ଯାତ୍ରା ପୂଜା କମିଟି ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ହୋଇଛି । ମଙ୍ଗଳବାର ଏଠାରେ ୩ ଠାକୁରଙ୍କ ମୁଖ୍ୟ ଯାତ୍ରା ହୋଇଥାଏ। ବିଭିନ୍ନ ଗ୍ରାମରୁ ଆସିଥିବା କାଳିଶିମାନଙ୍କ ନୃତ୍ୟ ବେଶ୍ ମନୋମୁଗ୍ଧକର ଲାଗିଥାଏ।

# ରଣନୀତି ପ୍ରସ୍ତୁତିରେ ଆଗୁଆ ଅଛନ୍ତି ୩ ଦଳ

କୋରାପୁଟ,୧୬ା୩(ସ୍ୱ.ପ୍ର.)



ଲଲାଟ ରଞ୍ଜନ ସେଠୀ



ଦେବାନନ୍ଦ ବେହେରା



ସଞ୍ଜୀବ କୁମାର



ଭୂଷିତ୍ କୁମାର ବିଡିକା

**ପୌର ନିର୍ବାଚନ**
- ସବୁ ସ୍ତରରେ ସଠିକ ସମନ୍ୱୟକୁ ଗୁରୁତ୍ୱ ଦେଉଛି ବିଜେଡି
- ଯୁବ ଭୋଟରଙ୍କୁ ଟାର୍ଗେଟ କରିଛି କଂଗ୍ରେସ
- ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ ଯୋଜନାକୁ ମୋହରା କରିଛି ଭାଜପା

ପୌରାଞ୍ଚଳ ନିର୍ବାଚନକୁ ନେଇ କୋରାପୁଟ ମ୍ୟୁନିସିପାଲିଟି ଏବେ ଚଳଚଞ୍ଚଳ ହୋଇପଡିଛି । ଉଭୟ ଅଧ୍ୟକ୍ଷ ଓ କାଉନସିଲର ପ୍ରାର୍ଥୀ ଭୋଟ ପାଇଁ ନିଜ ପ୍ରଚାରକୁ ଜୋରଦାର କରିଥିବା ଦେଖିବାକୁ ମିଳୁଛି। ତେବେ ବିକାଶର ହିସାବ ନିକାଶ କରି ନେତାଙ୍କୁ ପରଖିବାକୁ ପ୍ରସ୍ତୁତ ହୋଇଥିବା ଭୋଟରଙ୍କୁ ବିଜେଡି,କଂଗ୍ରେସ, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ସପକ୍ଷରେ ନେବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏନେଇ ଦିନକୁ ଦିନ ରାଜନୀତି ସରଗରମ ହେବାରେ ଲାଗିଛି। ସବୁଠାରୁ ଉଲ୍ଲେଖନୀୟ କଥା ଯେ, ଏଥର ଭୋଟର ସିଧା ସଳଖ ପୌରାଧକ୍ଷ ବାଛିବେ। ସେହିପରି ଯିଏ ସେମାନଙ୍କ ସହ ରହି ସେମାନଙ୍କ ଭଲମନ୍ଦ ବୁଝିବେ ସେହିପରି କାଉନସିଲରଙ୍କୁ ବାଛିବାକୁ ଭୋଟର ମନ ସ୍ଥିର କରିଛନ୍ତି। ତେବେ ସାଙ୍ଗଠନିକ ସ୍ତରରେ ମଜଭୁତ ସ୍ଥିତିରେ ଥିବା ବିଜୁ ଜନତା ଦଳ ବୁଥସ୍ତରରୁ କର୍ମୀଙ୍କୁ ଏକାଠି କରି କିଭଳି ସବୁ ସ୍ତରରେ ସଠିକ ସମନ୍ୱୟ ରହିବ ଅଧିକ ଗୁରୁତ୍ୱ ଦେଉଥିବା ଜଣାଯାଇଛି । ଗତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବାବେଳେ ବିଜେଡି ଏଥର ତାହାର ପୁନରାବୃତ୍ତି କରିବାକୁ ଆଶା ରଖିଛି। ଭୋଟର ପୁଣି ଥରେ ବିଜେଡିକୁ କ୍ଷମତାକୁ ଆଣବେ ବୋଲି ଆମେ ଆଶା ରଖିଛୁ ବୋଲି କହିଛନ୍ତି ବିଜେଡି ପୌରାଧକ୍ଷ ପ୍ରାର୍ଥୀ ଲଲାଟ ରଞ୍ଜନ ସେଠୀ। କୋରାପୁଟ ମ୍ୟୁନିସିପାଲଟିରେ ଗତ ନିର୍ବାଚନରେ ବିଜେଡି ଓ କଂଗ୍ରେସ ଉଭୟ ଦଳ ୧୦–୧୦ ଆସନରେ ବିଜୟୀ ହୋଇଥିଲେ । ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜେଡି ସମର୍ଥନରେ ଅଢେଇ ବର୍ଷ ପୌରାଧକ୍ଷ ହୋଇଥିବା ବେଳେ ପରେ କଂଗ୍ରେସର ତାରାପ୍ରସାଦ ବାହିନୀପତିଙ୍କ ଯୋଗୁ ସମ୍ପୃକ୍ତ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନରେ କୋରାପୁଟ ମ୍ୟୁନିସିପାଲିଟିର ଶେଷ ଅଢେଇ ବର୍ଷ କଂଗ୍ରେସର ଭଗବାନ ବାହିନୀପତି ପୌରାଧକ୍ଷ ହୋଇଥିଲେ । ସେହିପରି ଜିଲାର କୋଟପାଡ ଏନଏସିରେ ମଧ ସମାନ ପରିସ୍ଥିତି ଥିଲା। ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନରେ କଂଗ୍ରେସ ଉପାଧକ୍ଷ ପଦବୀ ହାତେଇଥିଲା । ଉଭୟ କୋରାପୁଟ ଓ କୋଟପାଡ ପୌରାଞ୍ଚଳରେ କଂଗ୍ରେସ କିପରି ସମ୍ପୂର୍ଣ୍ଣ ବହୁମତ ଆଣିବ ଏବଂ ସୁନାବେଡା ଓ ଜୟପୁର ମ୍ୟୁନିସିପାଲିଟିରେ ନିଜ ନିଜ ପ୍ରାର୍ଥୀଙ୍କୁ ଜିତାଇବ ସେ ନେଇ କଂଗ୍ରେସ ମଧ ରଣନୀତି ପ୍ରସ୍ତୁତ କରିଛି । ବିଶେଷ କରି ଯୁବ ଭୋଟରଙ୍କୁ ଟାର୍ଗେଟ କରିଛି କଂଗ୍ରେସ । ଏଥର ସମସ୍ତ ଜିଲାର ସବୁ ପୌରାଞ୍ଚଳ କଂଗ୍ରେସ ଦଖଲ କରିବ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ଜିଲା ପରିଷଦ ନିର୍ବାଚରେ କଂଗ୍ରେସ କୋରାପୁଟ ବ୍ଲକ ଅଧକ୍ଷ ଆସନ ହାତେଇବା ପରେ ଦଳ ବେଶ ଉତ୍ସାହିତ ହୋଇଉଠିଛି । ଅନ୍ୟପକ୍ଷରେ ଭାଜପା ମଧ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଓ କେନ୍ଦ୍ରର ବିକାଶମୂଳକ ଯୋଜନାକୁ ପାଥେୟ କରି ପୌର ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ବାନ୍ଧିଛି। ସେହିପରି କୋରାପୁଟ ପୌରାଧକ୍ଷ ପାଇଁ ନିର୍ବାଚନରେ ରହିଥିବା ଜଣେ ମାତ୍ର ସ୍ୱାଧିନ ପ୍ରାର୍ଥୀ ଯୁବ ବର୍ଗ ଓ ବୁଦ୍ଧିଜୀବୀଙ୍କ ଭୋଟ ପାଇବେ ବୋଲି ଆଶା ରଖିଛନ୍ତି।

# ସର୍ବଭାରତୀୟ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ

## ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଡାକସେବକ ସଂଘର ଧାରଣା

ଜୟପୁର,୧୬ା୩(ନି.ପ୍ର.)

ସର୍ବଭାରତୀୟ ଗ୍ରାମୀଣ ଡାକସେବକ ସଂଘର ଆହ୍ୱାନକ୍ରମେ ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ବୁଧବାର ଡାକସେବକମାନେ ଦିନିକିଆ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସରକାର ଆଣିଥିବା ନୂତନ ଶ୍ରମ କୋଡ୍‌କୁ ରଦ୍ଦ କରିବା, ଗ୍ରାମୀଣ ଡାକସେବକଙ୍କୁ ୧୯୭୨ ପେନ୍‌ସନ ସ୍କିମ୍‌ରେ ଅନ୍ତର୍ଭୁକ୍ତ କରିବା, ପୋଷ୍ଟାଲ ବିଭାଗ ସମେତ ସମସ୍ତ ସରକାରୀ ଅନୁଷ୍ଠାନର ଘରୋଇକରଣ ବନ୍ଦ କରିବା, ଡାକସେବକମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ଯେଉଁମାନଙ୍କର ଚାକିରି କାଳ ୧୨, ୨୪, ୩୬ ବର୍ଷ ପୂର୍ତ୍ତି ହୋଇଛି ସେମାନଙ୍କୁ ଆର୍ଥିକ ପଦୋନ୍ନତି ଦେବା, ପୋଷ୍ଟାଲ ଇନ୍‌ସ୍ୟୁରାନ୍ସ ସ୍କିମ୍, ସୁକନ୍ୟା ସମୃଦ୍ଧି ଯୋଜନାରେ ପଲିସି କରିବା ପାଇଁ ଅତ୍ୟଧିକ ଟାର୍ଗେଟ ବନ୍ଦ କରିବା, ଟାର୍ଗେଟ ପୂରଣ ନ ହେଲେ ଦରମା ବନ୍ଦ ଭଳି କାର୍ଯ୍ୟାନୁଷ୍ଠାନରୁ ଓହରିବା ପାଇଁ ଦାବି ହୋଇଛି। ସମସ୍ତ ଦାବି ନେଇ ଦିନ ତମାମ ଧାରଣା ପରେ ଏକ ସ୍ମାରକପତ୍ର ମୁଖ୍ୟ ଡାକ ଅଧିକାରୀଙ୍କ ଜରିଆରେ ପ୍ରେରଣ କରାଯାଇଛି। ଧାରଣାରେ ଗ୍ରାମୀଣ ଡାକ ସେବକ ସଂଘର ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି(ଜୟପୁର) ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦେବରାଜ ଦାସ, ଶିଶିର ଗନ୍ତାୟତ, ବସନ୍ତ ମହାନ୍ତି, ମଳୟ ବେହେରା, ନରସିଂହ ବିଷୋୟୀ, ଜଗଦୀଶ କର, ଅଭି ଦୋରା ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ସିଟି କୋଅର୍ଡିନେଶନ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ଓ କମ୍ୟୁନିଷ୍ଟ ପାର୍ଟିର ଯୁବ ଛାତ୍ର ଆବାହକ ସତ୍ୟବ୍ରତ ନନ୍ଦ ଯୋଗଦେଇ ସମର୍ଥନ କରିବା ସହ ମାର୍ଚ୍ଚ ୨୮ ଓ ୨୯ ରେ ହେବାକୁ ଥିବା ସର୍ବଭାରତୀୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ।

# ରାସ୍ତା, ଡ୍ରେନ୍ ନାହିଁ ତ ଭୋଟ ନାହିଁ



ଏକାଠି ହୋଇଥିବା ୱାର୍ଡବାସୀ।

କୋରାପୁଟ,୧୬ା୩(ସ୍ୱ.ପ୍ର.)

ରାସ୍ତା, ଡ୍ରେନ୍ ନାହିଁ ତ ଭୋଟ ନାହିଁ ବୋଲି ଚେତାବନୀ ଦେଇଛନ୍ତି କୋରାପୁଟ ମ୍ୟୁନିସିପାଲିଟିର ୯ ନମ୍ବର ୱାର୍ଡବାସୀ। ଏହି ୱାର୍ଡରେ ମୋଟ ଭୋଟର ସଂଖ୍ୟା ହେଉଛି ୨୬୧୧। ଅନେକ ଦିନ ଧରି ସାହିକୁ ଭଲ ରାସ୍ତା କରାଯାଇନାହିଁ । ଡ୍ରେନ୍ ଦୀର୍ଘଦିନ ଧରି ସଫା କରାଯାଉନାହିଁ । ଅଳ୍ପ ବର୍ଷା ହେଲେ ଡ୍ରେନ୍‌ର ପାଣି ରାସ୍ତାରେ ପ୍ରବାହିତ ହେଉଛି । କେତେବେଳେ ଡ୍ରେନ୍ ପାଣି ଘର ଭିତରେ ପଶୁଛି ବୋଲି ଅଭିଯୋଗ କରିଛନ୍ତି ଏହି ୱାର୍ଡର ପରଜାସାହିର ବାସିନ୍ଦା । ଡ୍ରେନ୍ ପରିବେଶ ଯୋଗୁ ମଶା ମାଛିଙ୍କ ବଂଶ ବୃଦ୍ଧି ଘଟି ବିଭିନ୍ନ ରୋଗର ବାହାକ ସାଜୁଛନ୍ତି। ୱାର୍ଡକୁ ଭଲ ରାସ୍ତା ନ ଥିବାରୁ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଆସିପାରୁନାହିଁ ବୋଲି ସାହିବାସିନ୍ଦା ପ୍ରକାଶ କରିଛନ୍ତି। ସାହି ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନକୁ ଜଣାଉଥିଲେ ମଧ କିଛି ସୁଫଳ ମିଳିପାରୁନାହିଁ। ପୌର ନିର୍ବାଚନ ଭୋଟ ପାଇଁ ୱାର୍ଡକୁ ଯେକୌଣସି ଦଳର ପ୍ରାର୍ଥୀ ଆସିଲେ ତାଙ୍କୁ ବିରୋଧ କରାଯିବ। ତାଙ୍କୁ ୱାର୍ଡରେ ପଶିବାକୁ ଦେବେନାହିଁ। କାହାକୁ ଭୋଟ ନ ଦେଇ ଭୋଟ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଏନ୍‌ଏସ୍‌ଏସ୍ ପକ୍ଷରୁ ୩୭ ୟୁନିଟ୍ ରକ୍ତ ସଂଗ୍ରହ



ଅତିଥିଙ୍କ ଗହଣରେ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀମାନେ।

ଗୁଣପୁର,୧୬ା୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜର ଏନ୍‌ଏସ୍‌ଏସ୍‌ର ୟୁନିଟ୍ ୧, ୨ ଏବଂ ୩ ଶାଖା ପକ୍ଷରୁ ରକ୍ତଭଣ୍ଡାରଠାରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ବାମଦେବ ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ପଣ୍ଡା, ଅଧାପକ ଅମିୟ ରଞ୍ଜନ ମହାନ୍ତି, ଅଧାପିକା ଦେବିଶ୍ରୀ ମହାପାତ୍ର ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଭଣ୍ଡାର ଡାକ୍ତର ଲକ୍ଷ୍ମଣ ପାତ୍ର, ଲାବ୍ ଟେକ୍ନିସିଆନ ସୁରଚିରାଣୀ ପାତ୍ର ଓ ଚନ୍ଦ୍ରଶେଖର ପାତ୍ର ଉପସ୍ଥିତ ରହି ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଏନ୍‌ଏସ୍‌ଏସ୍‌ର ଉପଦେଷ୍ଟା ପ୍ରାଧାପାକ ଶଶିଭୂଷଣ ମହାନ୍ତି ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ଭଣଜା ଲାଠିମାଡ଼ରେ ମାମୁ ମୃତ

ଚିତ୍ରକୋଣ୍ଡା,୧୬ା୩(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବ୍ଲକ ଦୋରଗୁଡ଼ା ପଞ୍ଚାୟତରେ ଘଟିଛି ଅଭାବନୀୟ ଘଟଣା। ଭଣଜାର ଲାଠିମାଡରେ ବୁଧବାର ମାମୁଙ୍କ ମୃତ୍ୟୁ ହୋଇଛି । ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ମହୁପଦର ଗ୍ରାମରେ ଏପରି ଦୁଃଖଦ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଏପରି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବରରୁ ଜଣାପଡିଛି ମଙ୍ଗଳବାର ମହୁପଦର ଗ୍ରାମର ଚଣ୍ଡାଳ ପାଙ୍ଗୀ ଏବଂ ନିଜ ମାମୁ ଗୁରୁ ଖିଲଙ୍କ ମଧରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭଣଜା ଚଣ୍ଡାଳ ଏକ ଲାଠିରେ ମାମୁ ଗୁରୁଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ଗୁରୁଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ଗୁରୁଙ୍କ ପୁଅ ଘାସି ଖିଲ ଚିତ୍ରକୋଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ କେସ୍ ନଂ. ୪୦/୨୨ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ନାୟକ କହିଛନ୍ତି।

# ବ୍ଲକ ଅଧକ୍ଷ ପଦ ହାତରୁ ଖସିବା ପରେ କଂଗ୍ରେସରେ ଦୋଷ ଲଦାଲଦି

ପଟ୍ଟାଙ୍ଗୀ,୧୬ା୩(ଡି.ଏନ୍.ଏ.)

ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲା ଏବଂ ବ୍ଲକ ସ୍ତରରେ କେଉଁଠି ଶାସକ ଦଳର ଗୋଷ୍ଠୀ କନ୍ଦଳରେ ବିରୋଧୀ ଦଳକୁ ଫାଇଦା ମିଳିଛି ତ ଅନ୍ୟ କେଉଁଠି ବିରୋଧୀ ଦଳର ଗୋଷ୍ଠୀ କନ୍ଦଳରେ ଶାସକ ଦଳକୁ ଫାଇଦା ମିଳିଛି । ଏପରି କିଛି ଘଟଣା ଘଟିଛି କୋରାପୁଟ ଜିଲାରେ। ଜିଲାରେ ୧୪ଟି ବ୍ଲକକୁ ନେଇ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ କୋଟପାଡ୍, କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗୀ ଓ ଜୟପୁର ରହିଛି। ଜୟପୁର ଆସନ କଂଗ୍ରେସ ହାତରେ ଥିବା ବେଳେ ଅନ୍ୟ ୪ଟି ଶାସକ ବିଜେଡି ହାତରେ ରହିଛି। ଜିଲାରେ ୨୯ ଜିଲା ପରିଷଦ ଆସନ ମଧ୍ୟରୁ ଶାସକ ଦଳକୁ ୧୬ଟି, ବିରୋଧୀ କଂଗ୍ରେସକୁ ୧୨ଟି ଏବଂ ଗୋଟିଏ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଳିଛି। ଏହି ସଂଖ୍ୟାକୁ ନେଇ ଜିଲାରେ ବିଜେଡି, କଂଗ୍ରେସକୁ ଜିଲା ପରିଷଦ ଆସନ ମିଳିଥିବା ବେଳେ ଭାଜପାକୁ ନିରାଶ ହେବାକୁ ପଡ଼ିଛି । ସେହିପରି ଜିଲାର ବ୍ଲକ ସ୍ତରରେ ଶାସକ ଦଳର ସମର୍ଥନରେ ୧୧ଟି ବ୍ଲକରେ ବ୍ଲକ ଅଧକ୍ଷ ଆସନ ବିଜେଡି ହାତକୁ ଯାଇଥିବା ବେଳେ ଅନ୍ୟ ତିନୋଟି କଂଗ୍ରେସ ସପକ୍ଷରେ ଯାଇଛି । ଭାଜପାକୁ ନିରାଶ ହେବାକୁ ପଡ଼ିଛି। ପଟ୍ଟାଙ୍ଗୀ ବ୍ଲକ କ୍ଷେତ୍ରରେ ଦେଖିବାକୁ ଗଲେ ବ୍ଲକରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ଓ ସାଙ୍ଗଠନିକ ଦୁର୍ବଳତା ଯୋଗୁ ବ୍ଲକ ଅଧକ୍ଷ ନିର୍ବାଚନରେ ଶାସକ ଦଳକୁ ଫାଇଦା ମିଳିଛି। ଏହି ନିର୍ବାଚନରେ ବ୍ଲକର ୩ଦଳ ବିଜେଡିକୁ ୬ଟି ସମିତିସଭ୍ୟ ମିଳିଥିବା ବେଳେ କଂଗ୍ରେସକୁ ୫ ମିଳିଥିଲା। ଅନ୍ୟ ୩ଟିରୁ ଭାଜପାକୁ ୨ଟି ଏବଂ ସ୍ୱାଧୀନକୁ ଗୋଟିଏ ମିଳିଥିଲା। କଂଗ୍ରେସ ବ୍ଲକ ଅଧକ୍ଷ ଆସନ ପାଇଁ ଆଶା ରଖିଥିବା ବେଳେ ବିଜେଡି ମଧ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ମୁତାବକ ବ୍ଲକ ଅଧକ୍ଷ ପଦ ହାତେଇବାରେ ବିଜେଡି ସଫଳ ହୋଇଥିଲା। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ପରାସ୍ତ ହୋଇଥିଲେ। ତେବେ ବିଜେଡି ବ୍ଲକ ଅଧକ୍ଷ ପଦ ହାତେଇନେବାରୁ କଂଗ୍ରେସ କର୍ମୀ କ୍ଷୋଭ ପ୍ରକାଶକରି ବ୍ଲକ ଅଧକ୍ଷ ନିର୍ବାଚନରେ ଦଳର ଜଣେ ସଦସ୍ୟଙ୍କ ସହଯୋଗରେ ବିଜେଡି ଅଧକ୍ଷ ପଦ ପାଇବାରେ ସକ୍ଷମ ହେଲା ବୋଲି ଅଭିଯୋଗ କରିଛନ୍ତି। ବ୍ଲକ ସାଙ୍ଗଠନିକ ନେତାମାନଙ୍କ ପାଇଁ କଂଗ୍ରେସ ଦଳ ଦିନକୁ ଦିନ ତଳକୁ ଖସିବାରେ ଲାଗିଛି। ପରିବର୍ତ୍ତନ ନ ହେଲେ ଆଗାମୀ ଦିନରେ କଂଗ୍ରେସ ବ୍ଲକରେ ଦୁର୍ବଳ ହୋଇପଡିବ ବୋଲି କର୍ମୀମାନେ ପ୍ରକାଶ କରିଛନ୍ତି।

## ଦାୟିତ୍ୱ ନେଲେ ନୂଆ ସରପଞ୍ଚ

ଦଶମନ୍ତପୁର,୧୬ା୩(ଡି.ଏନ୍.ଏ.)

ଅଞ୍ଚଳର ବିକାଶ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ଯୋଜନା ଦୁର୍ଗମ ଗ୍ରାମଗୁଡ଼ିକରେ ପହଞ୍ଚାଇବା ଆଗାମୀ ଦିନରେ ମୋର ଲକ୍ଷ୍ୟ ହେବ ବୋଲି କହିଛନ୍ତି ଦଶମନ୍ତପୁର ସଦର ପଞ୍ଚାୟତ ସରପଞ୍ଚ ସବାଇ ମୁଦୁଲି। ୧୩ ୱାର୍ଡ ସଦସ୍ୟଙ୍କ ଗହଣରେ ସେ ଦାୟିତ୍ୱ ଗ୍ରହଣ ଅବସରରେ ଏହା ପ୍ରକାଶ କରିଛନ୍ତି।

# ପ୍ରାର୍ଥୀଙ୍କ ପାଇଁ ଏମ୍‌ପିଙ୍କ ପ୍ରଚାର



ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କ ସହ ଏମ୍‌ପି ପ୍ରଚାର କରୁଛନ୍ତି।

ଉମରକୋଟ, ୧୬ା୩(ସ୍ୱ.ପ୍ର.)

ପୌର ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଦଳମାନଙ୍କର ପ୍ରଚାର ବି ଜୋରଦାର ଆରମ୍ଭ ହୋଇଛି। ବୁଧବାର ନବରଙ୍ଗପୁର ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝି ପ୍ରଚାର ମଙ୍ଗ ଧରିଛନ୍ତି। ଏମ୍‌ପି ମାଝି ଉମରକୋଟ ସହରର ୧୦ ନମ୍ବର ୱାର୍ଡ଼ ତଥା ଗୁଲିପାଟଣା ସାହିରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏମ୍‌ପି ନିଜେ ଘରକୁ ଘର ଯାଇ ଭୋଟଭିକ୍ଷା କରିଛନ୍ତି। ପାନୀୟ ଜଳ ଓ ଅନ୍ୟ ସମସ୍ୟା ସମ୍ପର୍କରେ ସାହି ବାସିନ୍ଦା ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସବୁ ସମସ୍ୟା ସମାଧାନ ନିର୍ବାଚନ ପରେ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରଚାର ବେଳେ ଏମ୍‌ପିଙ୍କ ସହ ବ୍ଲକ ବିଜେଡି ସଭାପତି ମନୋଜ କୁମାର ଧଳ, ପ୍ରମୋଦ ପାଢ଼ୀ, ଅଧକ୍ଷା ପାର୍ଥିନୀ ରାଧା ଭତରା, ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝି, ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକ, ୧୦ ନମ୍ବର ୱାର୍ଡର ବିଜେଡି ପ୍ରାର୍ଥୀ କମଳା ପୂଜାରୀ, ତପନ ଦେବନାଥ, ଚନ୍ଦନା ମଲ୍ଲିକ, ସୁରେଶ ପଟ୍ଟନାୟକ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

# ମାଥାଲପୁଟରେ ଜାତୀୟ ଟିକାକରଣ ଦିବସ

ଦାମନଯୋଡ଼ି,୧୬ା୩

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଟିକାକରଣ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ୧୯୯୫ ମାର୍ଚ୍ଚ ୧୬ରେ ଆମ ଦେଶରେ ପୋଲିଓ ରୋଗ ପ୍ରତିଷେଧକ ଟିକାକରଣ ପାଇଁ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିଦିନକୁ ସେବେଠାରୁ ଆମ ଦେଶରେ ଜାତୀୟ ଟିକାକରଣ ଦିବସ ରୂପେ ପାଳନ କରାଯାଉଛି। ଏବେ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ଯକ୍ଷ୍ମା, ପୋଲିଓ, ଟିଟାନସ, ହେପାଟାଇଟିସ–ବି, ରୁବେଲା ମିଳିମିଳା ଭଳି ୧୨ଟି ରୋଗରୁ ରକ୍ଷା ପାଇଁ ପ୍ରତିଷେଧକ ଟିକାକରଣ ଚାଲୁଛି। ପୋଲିଓ ନିରାକରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱାସ୍ଥ୍ୟକର୍ମୀ କ୍ଷୀରପ୍ରଭା ସେଠୀ ଏବଂ ଆଶାକର୍ମୀ ଚମ୍ପକଲତା ବାରିକ ଓ ଦୀପିକା ରାଓଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା.ତାପସ ରଞ୍ଜନ ବେହେରା,ଡା.ଯଯାତି କେଶରୀ ସ୍ୱାଇଁ,ପିଏଚ୍‌ଇଓ ମକର ଜାନି, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ କୁମାର ଭଞ୍ଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିପିଏମ୍ ନୂତନ ସିଂହ ସହଯୋଗ କରିଥିଲେ।

# ମାଲକାନଗିରି ଜିଲାରେ ୧୨-୧୪ ବର୍ଷର ପିଲାଙ୍କୁ ଟିକାକରଣ ଆରମ୍ଭ

ମାଲକାନଗିରି,୧୬ା୩ (ଡି.ଏନ୍.ଏ.)




ଜଣେ ଛାତ୍ରୀଙ୍କୁ ଟିକା ପ୍ରଦାନ କରାଯାଉଛି।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବୁଟିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ୧୨ ରୁ ୧୪ ବର୍ଷର ପିଲାଙ୍କ କୋଭିଡ ଟିକାକରଣ ଶୁଭାରମ୍ଭ ହୋଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦଙ୍କ ଉପସ୍ଥିତ ଥିଲେ। ପିଲାମାନେ ପ୍ରଥମ ଡୋଜ ଟିକା ନେବାକୁ ଆଗ୍ରହର ସହ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ପିଲାମାନେ ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତା ରକ୍ଷା କରିଥିଲେ। ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ପରେ ବିଦ୍ୟାଳୟରେ କୋର୍ବେଭାକ୍ସ ଟିକା ପ୍ରଦାନ କରାଯାଉଛି । କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିରୀକ୍ଷଣ ଗୃହରେ ୩୦ ମିନିଟ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଉଛି । ମାଲକାନଗିରି ଜିଲାରେ ମୋଟ ୨୨ହଜାର ୨୨୦ ଜଣ ଏହି ବର୍ଗର ପିଲାଙ୍କୁ ଟିକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଟିକା ଦେଉଛୁ। ଏହା ପରେ ଗ୍ରାମ ସ୍ତରରେ ଟିକା ପ୍ରଦାନ କରାଯିବ । ଏହି ବର୍ଗର ପିଲାମାନଙ୍କୁ ଶତକଡ଼ା ୧୦୦ ପ୍ରତିଶତ ଟିକା ଦେବାକୁ ଚେଷ୍ଟା କରିବୁ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶୀ ଭୂଷଣ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ମାନସ ଜେନା, ଜିଲା ହିସାବ ଅଧିକାରୀ ଅଙ୍କିତ ଜୈନ, ଜିଲ୍ଲା ପ୍ରକଳ୍ପ ପରିଚାଳକ ବନ ବିହାରୀ ମିଶ୍ର, ଟିକାକରଣ ସହାୟକ ଶିବ ପ୍ରସାଦ ପ୍ରହରାଜ, ଜିଲା ଟିକା ପରିଚାଳକ ଜ୍ୟୋତି ନାରାୟଣ ମହାଲି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ପୋଡ଼ିଲେ ଦୁର୍ବୃତ୍ତ



**ରାଇଘର, ୧୬।୩ ( ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଯୋଡ଼ାପାରା ଗ୍ରାମରେ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଗୋବିନ୍ଦ ରାଉତଙ୍କ ବାଇକ୍ ପୋଡ଼ି ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଗୋବିନ୍ଦଙ୍କ ନାମରେ ତାଙ୍କ ବାପା ଧର୍ମୁ ଧାରଉଧାର କରି ଛତିଶଗଡ଼ର ନଗରୀ ଗ୍ରାମରୁ ଏକ ହିରୋ ଏଚ୍ଏଫ୍ ଡିଲକ୍ସ (ସିଜି-୦୫ଏଏଚ୍-୬୫୧୯) ଗାଡି କିଣିଥିଲେ। ଗୋବିନ୍ଦ ତାମିଲନାଡୁ କାମ କରିବାକୁ ଯାଇଛନ୍ତି। ମଙ୍ଗଳବାର ରାତି ୧୦ଟାରେ କେହି ଦୁର୍ବୃତ୍ତ ଧର୍ମୁ ଶୋଇଥିବା ରୁମ୍‌ର କବାଟ ବାହାରୁ ବନ୍ଦ କରି ବାରଣ୍ଡାରେ ଥିବା ବାଇକ୍ ପୋଡ଼ି ଦେଇଥିଲେ। ନିଆଁ ଜଳିବା ଦେଖି ଧର୍ମୁ କୁନ୍ଦେଇ ପୋଲିସ, ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶ୍ରମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୁନ୍ଦେଇ ଥାନାରେ ୨୩/୨୨ରେ ମାମଲା ରୁଜୁ କରି ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣାର ତଦନ୍ତ କରୁଛନ୍ତି।

### ଦାୟିତ୍ୱ ନେଲେ କୋଡିଙ୍ଗା ନୂତନ ସରପଞ୍ଚ



**କୋଡିଙ୍ଗା, ୧୬।୩(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ପଞ୍ଚାୟତରେ ବୁଧବାର ନୂତନ ସରପଞ୍ଚ ସେବିକା ମାଝି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ସେବିକା ଏକତରଫା ଭାବେ ବିପୁଳ ପରିମାଣର ଭୋଟପାଇ ବିଜୟ ଲାଭ କରିଥିଲେ। ସେ ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ କୋଡ଼ିଙ୍ଗା ଗ୍ରାମର ମୁଖ୍ୟ ଦେବତା ରାଜାଚଉଁରିଆ ଓ ଅନ୍ୟ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସେଠାରୁ କୋଡ଼ିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। କୋଡ଼ିଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ଝାଡଶ୍ୱର ପାତ୍ର , କୋଡ଼ିଙ୍ଗା ଜିଆରଏସ୍ ପ୍ରଦୀପ ବିଷୋୟୀଙ୍କ ଉପସ୍ଥିତରେ ସରପଞ୍ଚଙ୍କ ସହିତ ନାଏବ ସରପଞ୍ଚ ଉର୍ଦ୍ଧବ ଭତରା, କୋଡ଼ିଙ୍ଗା ସମିତି ସଭ୍ୟ କେମରାଜ ଭତରା ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ମଧ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ଜିଲା ବିଜେଡି ଉପସଭାପତି ସଞ୍ଜୟ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ଗୁପ୍ତ ପ୍ରସାଦ ପଟ୍ଟନାୟକ, ସାଏବ ଚଲାଣ , ବି. ଭାସ୍କର ଦୋରା, ବରିଷ୍ଠ ଭାଜପା ନେତା ବାବୁଲା ଦାସ, ମନୋଜ ନାୟକ, ଅମରେଶ ପାଣିଗ୍ରାହୀ, ସମୀର ଦାଶ, ମୁନା ମହାନ୍ତି, ଜଗନ୍ନାଥ ନାୟକ, ପିଣ୍ଟୁ ସିଂ, ସନ୍ତୋଷ ଗୌଡ଼, ବଣ୍ଟୁ ରାଓ, ବଲ୍ଲବ ଗୌଡ଼, ଯଶବନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କ ସହ ଆଲୋଚନା ପରେ ହେବ ନିଷ୍ପତ୍ତି

### ନବରଙ୍ଗପୁର ପୌର ପରିଷଦ ୱାର୍ଡ ନଂ. ୮

ନବରଙ୍ଗପୁର,୧୬।୩(ବି.ପ୍ର.)

ନିର୍ବାଚନ ପ୍ରଚାରରେ କମ୍ପୁଛି ସହର। ଭୋଟ ଭିକ୍ଷା କରୁଛନ୍ତି ପ୍ରାର୍ଥୀ। ତେବେ ନବରଙ୍ଗପୁର ପୌର ପରିଷଦର ୱାର୍ଡ ନମ୍ବର ୮ରେ ଏଥର ରାଜନୀତି କିଛି ଓଲଟପାଲଟ ହେବାର ସମ୍ଭାବନା ରହିଛି। ଏହି ୱାର୍ଡର ଭୋଟର ପ୍ରାର୍ଥୀଙ୍କ ସହ ସାହି ସମସ୍ୟା ସମ୍ପର୍କରେ ଆଲୋଚନାକରି ପ୍ରତିଶ୍ରୁତି ପାଇବାପରେ ନିଜ ମତ ସାବ୍ୟସ୍ତ କରିବେ ବୋଲି କହିଛନ୍ତି। ଦଣ୍ଡାସୀସାହି, ମେଦିରିସାହି ଛକଠାରୁ ଆରମ୍ଭ ହୋଇ ଏକ୍ସବୋର୍ଡ ସ୍କୁଲ ଛକ ପର୍ଯ୍ୟନ୍ତ ଓ ସରକାରୀ ବସ୍‌ଷ୍ଟାଣ୍ଡର ସମସ୍ତ ପରିସୀମା ଏବଂ ପୋଷ୍ଟ ଅଫିସ ପରିସୀମାକୁ ନେଇ ଏହି ୱାର୍ଡ ଗଠିତ। ଏଠାରେ ୨,୧୪୭ ଜଣ ଭୋଟର ଅଛନ୍ତି। ଏ ନେଇ ଦୁଇଟି ବୁଥ୍ ଗଠନ କରାଯାଇଛି। ମେଦିରିସାହି, ଦଣ୍ଡାସୀସାହି ଏହି ୱାର୍ଡର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ। ମେଦିରିସାହିରେ ୩୦ବର୍ଷ ହେବ ଡ୍ରେନେଜ ବ୍ୟବସ୍ଥା କରାଯାଉନାହିଁ। ୩୦ବର୍ଷ ହେବ ସମସ୍ୟାର ସମାଧାନ ହେଉନାହିଁ। ସଫେଇ ଓ ଆବର୍ଜନା ଉଠାଯାଉନାହିଁ। ଡ୍ରେନ୍‌ଗୁଡ଼ିକ ଏବେ ପୋତି ହୋଇଗଲାଣି। ଡ୍ରେନ୍ ପାଣି ରାସ୍ତା ଉପରେ ଚାଲୁଛି। ବର୍ଷାଦିନେ ଉକ୍ତ ରାସ୍ତା ଦେଇ ଚାଲିବା କଷ୍ଟ। ଖରାଦିନେ ମଧ ସମାନ ଅବସ୍ଥା। ମେଦିରିସାହିରେ

ଡ୍ରେନ୍‌ଗୁଡିକ ପୋତିହୋଇଯାଇଛି। ଆବର୍ଜନା, ମାଟି ଓ ବାଲି ନ ଉଠାଇ ଡ୍ରେନ୍ ଉପରେ ସିମେଣ୍ଟ ପ୍ଲେଟ୍ ପକାଇ ଦିଆଯାଇଛି। ୧୫ ବର୍ଷ ହେବ ରାସ୍ତା ମରାମତି କରାଯାଉ ନାହିଁ। ଏହି ୱାର୍ଡ ଚଳିତ ଥର ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ। ଭାଜପା ପ୍ରାର୍ଥୀ ଆମାଜୀ ତିର୍କୀ ଓ ବିଜେଡି ପ୍ରାର୍ଥୀ ସନ୍ତୋଷୀ ଜାନିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଭୋଟର ସାହିର ସମସ୍ୟା ସମ୍ପର୍କରେ ପ୍ରାର୍ଥୀଙ୍କ ସହ ଆଲୋଚନାକରି ସେମାନଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ଭାବମୂର୍ତ୍ତି ଦେଖି ମତଦାନ କରିବେ ବୋଲି କହୁଛନ୍ତି। ଶାସକ ବିଜେଡିର କର୍ମୀ, କର୍ମକର୍ତ୍ତା, ସ୍ଥାନୀୟ ବିଧାୟକ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଅଛନ୍ତି। ବିଜେଡି ପ୍ରାର୍ଥୀ ଘର ଘର ବୁଲି ପ୍ରଚାରକରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ଭାଜପା ପ୍ରାର୍ଥୀଙ୍କ ପାଇଁ ଜିଲାସ୍ତରୀୟ ନେତୃମଣ୍ଡଳୀ ପ୍ରଚାର ମଇଦାନରେ ଅଛନ୍ତି। କିନ୍ତୁ ଭାଜପା ପକ୍ଷରୁ ପ୍ରଚାର ଏତେ ଜୋରଦାର ହେଉ ନ ଥିବା ଚର୍ଚ୍ଚା ହେଉଛି।



ବିଜେଡି ନେତାଙ୍କ ଗହଣରେ ନୂତନଭାବେ ଦଳରେ ମିଶିଥିବା ସଦସ୍ୟମାନେ।

## ନାମାଙ୍କନ ପ୍ରତ୍ୟାହାର କରି ବିଜେଡିରେ ମିଶିଲେ ସ୍ୱାଧୀନ ପ୍ରାର୍ଥୀ

ନବରଙ୍ଗପୁର,୧୬।୩(ବି.ପ୍ର.)

ନବରଙ୍ଗପୁର ସ୍ଥାନୀୟ ରୋକିସାନ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ପୌରାଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ଥିବା ଅରୁଣ ପୂଜାରୀ ନିଜ ନାମାଙ୍କନ ପ୍ରତ୍ୟାହାର କରି ନେଇଥିଲେ। ସେ ବୁଧବାର ବିଜେଡିରେ ମିଶିଛନ୍ତି। ସୂଚନାନୁଯାୟୀ, ଅରୁଣ ଭାଜପାରୁ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। ଭାଜପା କୁନୁ ନାୟକଙ୍କୁ ପ୍ରାର୍ଥୀ କରିବା ପରେ ଅରୁଣ ସ୍ୱାଧୀନରୁ ଛିଡା ହୋଇଥିଲେ। ଅରୁଣ ବିଜେଡି ଭୋଟ ବିଭାଜନ କରିବା ସମ୍ଭାବନା ଥିଲା। ସେ ବିଜେଡିରେ ମିଶିବାପରେ ଦଳୀୟ ପ୍ରାର୍ଥୀ ଭୀମ ହରିଜନ ପାଇଁ ପଥ ପରିଷ୍କାର ହୋଇଛି। ଭାଜପାର ଅରୁଣ ପୂଜାରୀଙ୍କ ସହ ସଞ୍ଜୀବ ନନ୍ଦ, ମୁନା ବିଷୋୟୀ, ଏ.ନାଗୁଙ୍କ ସମେତ ବହୁ କର୍ମୀ ବିଜେଡିର ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ପୂର୍ବତନ ଏମ୍‌ପି ତଥା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝି, ଅବିଭକ୍ତ କୋରାପୁଟର ବିଜେଡି ଜୋନାଲ ସଭାପତି ତାପସ ତ୍ରିପାଠୀ (ପିଣ୍ଟୁ), ବିଜୁ ଜନତା ଦଳର ନଗର ସଭାପତି ପ୍ରମୋଦ କୁମାର ରଥ, ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଦିଲୁ ପଣ୍ଡା, ଭୀମ ହରିଜନ, ଲାଲୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ କଟକଣା ମାନିବାକୁ ପରାମର୍ଶ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

### ଉମରକୋଟରେ ସର୍ବଦଳୀୟ ବୈଠକ

ଉମରକୋଟ, ୧୬।୩(ସ୍ୱ.ପ୍ର.)

ନବରଙ୍ଗପୁର ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କ ଆହ୍ୱାନକ୍ରମେ ବୁଧବାର ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଚାର ସଂହିତାକୁ ଯେପରି ସବୁ ଦଳ କଡ଼ାକଡ଼ି ପାଳନ କରିବେ ଏ ନେଇ ଉପଜିଲାପାଳ ଉପସ୍ଥିତ ସବୁ ଦଳର ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଏଥିସହ ଯଦି କୌଣସି ସ୍ଥାନରେ ଏହାର ଉଲ୍ଲଂଘନ ହୁଏ ତୁରନ୍ତ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣେଇବା ପାଇଁ ସେ କହିଛନ୍ତି। ଏହାର ସମାଧାନ ନ ହେଲେ ତୁରନ୍ତ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ ଉପଜିଲାପାଳଙ୍କୁ ଜଣାଇବାକୁ କୁହାଯାଇଛି। ପୌର ନିର୍ବାଚନରେ ଉମରକୋଟରେ ତିନୋଟି ପିଙ୍କ୍ ବୁଥ୍‌ର ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ରଘୁମଣି ଗମାଙ୍ଗ, ଉମରକୋଟ ପୌର ନିର୍ବାଚନ ଅଧିକାରୀ ପ୍ରଶାନ୍ତ ରାଉତ, ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ପୋଲିସ ଉପଖଣ୍ଡ ଅଧିକାରୀ ଦିନେଶ ଚନ୍ଦ୍ର ନାୟକ, ଥାନାଧିକାରୀ ନରେଶ ପ୍ରଧାନ, ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ସମେତ ପୌର ନିର୍ବାଚନ ଲଢୁଥିବା ସମସ୍ତ କାଉନ୍‌ସିଲର ଓ ଅଧ୍ୟକ୍ଷା ପ୍ରାର୍ଥୀ ଦଳୀୟ କର୍ମୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ୨ଗିରଫ

ରାଇଘର, ୧୬।୩(ଡି.ଏନ୍.ଏ.)

ନବରଙ୍ଗପୁର ଜଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାଇଘର ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ମଦ ନେଇ ଯାଉଥିବା ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିହାର ଅଞ୍ଚଳର ରାକେଶ କୁମାର ଓ ରକି କୁମାର। ରାକେଶ ଓ ରକି ଏବେ ମଇଦଲପୁରରେ ରହି କାମ କରୁଥିବା ଜଣାପଡିଛି। ରାଇଘର ଅବକାରୀ ଭାରପ୍ରାପ୍ତ ଅଧିକାରୀ କୁଶ ଜାଲଙ୍କ ଦ୍ୱାରା ଗଠିତ ଏକ ଟିମ ଉମରକୋଟରୁ ରାଇଘର ରାସ୍ତା ମଧରେ ଗାଡି ଯାଞ୍ଚ କରୁଥିଲା। ସରଗୁଲି ଛକ ନିକଟରେ ସେମାନେ ଅଭିଯୁକ୍ତଙ୍କୁ ଧରିଥିଲେ। ଅଭିଯୁକ୍ତମାନେ ଏକ କାର୍ (ଓଆର୍-୦୨ଏଟି-୧୦୦୧)ରେ ୭ ପେଟି ମଦ ନେଇ ଯାଉଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ସୁରେନ୍ଦ୍ର କୁମାର ପଣ୍ଡା, ଦେବାଶିଷ ଦାସ, ଛତର ଗଣ୍ଡ, ଜୋସ୍ନା ହରିଜନ, କୁଳମଣି ମୁଦୁଲି ପ୍ରମୁଖ ସାମିଲ ଥିଲେ। ରାଇଘର ବ୍ଲକରେ ଦେଶୀ ଓ ବିଦେଶୀ ମଦ କାରବାର ବଢିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ଲଗାତାର ଚଢାଉ ଜାରୀ ରଖିବାକୁ ସବୁ ମହଲରେ ଦାବି ହେଉଛି।

## ଶୋଭାଯାତ୍ରା, ପାଲାରେ ବନ ସୁରକ୍ଷା ବାର୍ତ୍ତା



ଛାତ୍ରୀଛାତ୍ରମାନେ ବନ ସୁରକ୍ଷା ସମ୍ପର୍କରେ ବୁଝାଉଛନ୍ତି।

ପାପଡାହାଣ୍ଡି/ମୈଦଲପୁର, ୧୬।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ହାଟପଦାଠାରେ ଡାବୁଗାଁ ବନାଞ୍ଚଳର ମୈଦଲପୁର ବନ ବିଭାଗ ପକ୍ଷରୁ ବନ ସୁରକ୍ଷାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନ ୧୦ଟା ବେଳେ ସ୍କୁଲ ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ ଧରି ଏକ ଶୋଭାଯାତ୍ରାରେ ଯାଇ ଲୋକଙ୍କୁ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଏହାପରେ ହାଟପଦାରେ ପାଲା ଓ ନାଚ ଗୀତର ଆୟୋଜନ କରାଯାଇଥିଲା। ପାଲାରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ନିଆଁ ନ ଲଗାଇ ଝାଡୁରେ ସଫାକରି ମହୁଲ ସଂଗ୍ରହ କରିବା ସମ୍ପର୍କରେ ପାଲା ମାଧମରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡାବୁଗାଁ ରେଞ୍ଜର ସେତୁରଞ୍ଜନୀ ଗମାଙ୍ଗ, ବନପାଳ ଉମାକାନ୍ତ ପଟ୍ଟନାୟକ, ରମାକାନ୍ତ ସାହୁ, ମଧୁସ୍ମିତା ତ୍ରିପାଠୀ, ଅନିତା ହିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସବୁଜ ଭାରତ ମିଶନ ପକ୍ଷରୁ ବନ ବିଭାଗ ଦ୍ୱାରା ମେରେଇ ଓ ଖଜୁରି ବନ ସୁରକ୍ଷା ସମିତିଙ୍କୁ ହଣ୍ଡା, ହାଣ୍ଡି, ଟେଣ୍ଟ ସାମଗ୍ରୀ ରେଞ୍ଜର ସେତୁ ରଞ୍ଜନୀ ଗମାଙ୍ଗ ବଣ୍ଟନ କରିଥିଲେ।

# ବିପର୍ଯ୍ୟୟ ବେଳେ ନିଜେ ବଞ୍ଚି ଅନ୍ୟଙ୍କୁ ସୁରକ୍ଷା ଦେବା ତାଲିମ



ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ତାଲିମ ଦିଆଯାଉଛି।

ନବରଙ୍ଗପୁର,୧୬।୩(ବି.ପ୍ର.)

ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ନବରଙ୍ଗପୁର ମହିଳା ମହାବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଏବଂ ତା'ର ଠିକ୍ ପ୍ରତିକାର ସମ୍ପର୍କରେ ଏକ କାର୍ଯ୍ୟକ୍ରମ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯଥା ଅଂଶୁଘାତ, ବନ୍ୟା,ବାତ୍ୟା, ଅଗ୍ନିଜନିତ ଦୁର୍ଘଟଣା ସମୟରେ ନିଜେ କିପରି ବଞ୍ଚି ଅନ୍ୟକୁ ସୁରକ୍ଷା ଦେବା ସମ୍ପର୍କରେ ଜରୁରିକାଳୀନ ବିଭାଗର ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଭଳି ପ୍ରଶିକ୍ଷଣ ଶିବିର ଜିଲାର ଅଧିକରୁ ଅଧିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଅଧିକାରୀ ପଟ୍ଟନୟକ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଅନ୍ୟମାନଙ୍କ ମଧରେ ମହିଳା ମହାବିଦ୍ୟାଳୟ ଅଧକ୍ଷ ମାଲେଶ୍ୱରୀ ସାହୁ, ଅଧ୍ୟାପକ ଡ. ସଂଯୁକ୍ତା ପଣ୍ଡା, ଅଧ୍ୟାପକ ସୁନିତା ପାତ୍ର, ରହିଣୀ ରାଣୀ, ବିନୋଦ ବିହାରୀ ପ୍ରଧାନ, ରଞ୍ଜୁସା କୁମାରୀ ପ୍ରହରାଜ, ତୈରା ବେଗମ, ନୃପେନ୍ଦ୍ର ନାଥ ଖସଲା ପ୍ରମୁଖ ଉପସ୍ଥିତ ଥିଲେ।

## 'ଚିହ୍ନ ନୁହେଁ, ପ୍ରାର୍ଥୀଙ୍କ କାର୍ଯ୍ୟ ଦେଖି ଭୋଟ ଦିଅନ୍ତୁ'

ରାୟଗଡ଼ା ଅଫିସ, ୧୬।୩

ଶାସକ ବିଜେଡି ଦଳ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ଜାରି କରିଥିବା ନିର୍ବାଚନି ଇସ୍ତାହାରରେ ରାୟଗଡ଼ା ସହରବାସୀଙ୍କୁ ବିଭିନ୍ନ ପ୍ରତିଶୃତି ଦେଇଥିଲେ। ଅମ୍ଲାଭଟ୍ଟାରୁ ଏକ ପାନୀୟ ଜଳ ପ୍ରକଳ୍ପ କରାଯାଇ ସହରକୁ ଜଳ ଯୋଗାଣ ହେବ ଏବଂ ସହରରେ ୧୦ ଟାଉନ୍ ବସ୍ ଗଡ଼ିବ ବୋଲି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ଏ ପର୍ଯ୍ୟନ୍ତ ପୂରଣ ହୋଇପାରିନି। ଏହି ସମସ୍ତ କାର୍ଯ୍ୟ ରାଜସ୍ୱ ଟଙ୍କାରୁ ହିଁ ହୋଇପାରିବ ବୋଲି ସ୍ୱାଧୀନଭାବେ ରାୟଗଡ଼ା ପୌରାଧକ୍ଷ ଆସନ ପାଇଁ ଲଢ଼େଇ କରୁଥିବା ଶିବାଜୀ ଦାସ ବୁଧବାର ଖବରଦାତା ସମ୍ମିଳନୀ ମାଧମରେ କହିଛନ୍ତି। ନିର୍ବାଚନ ପୂର୍ବରୁ ଅନେକ ପ୍ରତିଶ୍ରୁତି ମିଳେ କିନ୍ତୁ ତାହା ପୂରଣ ହୋଇପାରେନି। ତେଣୁ କୌଣସି ଦଳର ଚିହ୍ନ ନ ଦେଖି ପ୍ରାର୍ଥୀଙ୍କ କାର୍ଯ୍ୟ ଦେଖି ଭୋଟ ଦିଅନ୍ତୁ। ଗୋଟିଏ ଥର ସୁଯୋଗ ଦେଲେ ସହରର ବିକାଶ କରିବି ବୋଲି ଶିବାଜୀ କହିଛନ୍ତି। ଶିବାଜୀ ରାୟଗଡ଼ା ଯୁବ ବିକାଶ ପରିଷଦର ସଭାପତି ଅଛନ୍ତି।



ସମ୍ମିଳନୀରେ ଶିବାଜୀ ଦାସ ଓ ସହଯୋଗୀମାନେ।

# ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

### ବିଭିନ୍ନ ବିଭାଗର କାର୍ଯ୍ୟ ଅନୁଧ୍ୟାନ

ପଦ୍ମପୁର,୧୬।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ୩ ଜଣିଆ କାୟାକଳ୍ପ ଟିମ୍ ପହଞ୍ଚି ବିଭିନ୍ନ ବିଷୟରେ ଅନୁଧ୍ୟାନ କରିଛନ୍ତି। ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ଟିମ୍‌ର ଡା. ଜୀବନ ଷଡ଼ଙ୍ଗୀ, ପିୟୁଷ ରଞ୍ଜନ ମହାନ୍ତି ଏବଂ ଚକ୍ରଧର ସାହୁ ରହିଥିଲେ। ଟିମ୍‌କୁ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ସରୋଜ ବିନ୍ଧାଣୀ, ଡା. ରାମକୃଷ୍ଣ ଧଳ, ଡା. ବିକାଶ ଦଳେଇ, ପିଏଚ୍‌ଓ ସଫରା ରାଇକା, ବିପିଓ ମନୋଜ ପଣ୍ଡା, ମୁଖ୍ୟ ସେବିକା କନକ ଗରଡ଼ିଆ ଓ ଫାର୍ମାସିଷ୍ଟ ମନୋଜ ସୁବୁଦ୍ଧି, ଚନ୍ଦ୍ର ଶବର, ଜୟଦେବ ନିମାଲପୁରୀ, ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ପାରମ୍ପରିକ ସ୍ୱାଗତ କରିଥିଲେ। କାୟାକଳ୍ପ ଟିମ୍ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରର ସେବିକା କକ୍ଷ, ବର୍ହିବିଭାଗର ସୌନ୍ଦର୍ଯ୍ୟ ଓ କାର୍ଯ୍ୟଶୈଳୀ ନେଇ ଅନୁଧ୍ୟାନ କରିଥିଲେ। ପରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟର ସ୍ୱଚ୍ଛତା, ରୋଗୀସେବା କାର୍ଯ୍ୟର ତଦାରଖ କରିଥିଲେ। ସେହିପରି ପ୍ରସୂତି ଗୃହ ଓ ବିଏମ୍‌ଡବ୍ଲ୍ୟୁ ଠିକ୍‌ଭାବେ ପରିଚାଳନା ହେଉଛି କି ନାହିଁ, ନିରାମୟ ଯୋଜନାରେ ରୋଗୀଙ୍କୁ ଠିକ୍‌ରେ ଔଷଧ ମିଳୁଛି କି ନାହିଁ ତାହା ପଚାରି ବୁଝିଥିଲେ। ରାୟଗଡ଼ା ଜିଲାରେ ଥିବା ୧୧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଦ୍ୱାରା ଚଳିତ ୨୦୨୧-୨୨ରେ ଅନୁଧ୍ୟାନ କରାଯାଇ ପର୍ଯ୍ୟାୟ କ୍ରମେ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ମୂଲ୍ୟାଙ୍କନ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ହସ୍ତାନ୍ତର କରାଯିବ। ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ର ଭଲ ପ୍ରଦର୍ଶନ କରିବ ତାକୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିବ। ଏହି ଟଙ୍କା ରୋଗୀ କଲ୍ୟାଣ ପାଣ୍ଠିକୁ ଯିବ ବୋଲି ଟିମ୍ ପକ୍ଷରୁ ସୂଚନା ମିଳିଛି। ଟିମ୍‌ର ଗସ୍ତବେଳେ ରାୟଗଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଡିପିଏମ୍‌ଓ ରାଜେଶ ପଟ୍ଟନାୟକ, ଡିଏମ୍‌ଆର୍‌ସିର ଭଗବାନ ମେହେର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଡାକ୍ତରଖାନା ପରିସରରେ କାୟାକଳ୍ପ ଟିମ୍ ସହ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ।

# ବ୍ୟାଙ୍କ ଆଗରେ ଗ୍ରାହକଙ୍କ ପ୍ରତିବାଦ

- ଲିଙ୍କ୍ ଫେଲ୍ ଯୋଗୁ ମିଳୁନି ଉପଯୁକ୍ତ ସେବା
- ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରୁଛନ୍ତି ହିତାଧିକାରୀ

ପାପଡାହାଣ୍ଡି,୧୬।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସଦର ମହକୁମାରେସ୍ଥିତ ୟୁନିଅନ ବ୍ୟାଙ୍କର ୧୦ରୁ ୧୨ ଦିନ ହେବ ଲିଙ୍କ ଫେଲ ଥିବା ଯୋଗୁ ଟଙ୍କା ନେଣଦେଣରେ ସମସ୍ୟା ଦେଖାଦେଇଛି। ପ୍ରତେକ ଦିନ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସୁଥିବା ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବିରୋଧରେ ବୁଧବାର ଗ୍ରାହକମାନେ ବ୍ୟାଙ୍କ ଆଗରେ ପ୍ରତିବାଦ କରିଛନ୍ତି। କେତେଜଣ ଗ୍ରାହାକଙ୍କ ଘରେ ଆଗକୁ ବିବାହ ଥିବାବେଳେ କେହି କେହି ସ୍ୱାସ୍ଥ୍ୟଗତ ଓ ଅନ୍ୟ ସମସ୍ୟାରେ ଟଙ୍କା ଉଠାଇବାକୁ ଆସୁଛନ୍ତି। କିନ୍ତୁ ଲିଙ୍କ୍ ଫେଲ୍ ଯୋଗୁ ଟଙ୍କା ମିଳୁ ନ ଥିବାରୁ ସେମାନେ ଅସନ୍ତୋଷ ଜାହିର କରିଛନ୍ତି। ଦୈନନ୍ଦିନ ଟଙ୍କା ଉଠାଇବାକୁ ଆସୁଥିବା ଗ୍ରାହକ ଲିଙ୍କ ଫେଲ ଶୁଣି ହତାଶ ହୋଇ ଘରକୁ ଫେରୁଥିବା ଗ୍ରାହାକ ତ୍ରିଲୋଚନ ଅମନାତ୍ୟ, ବିଦ୍ୟାଧର ଅମନାତ୍ୟ, ସୁମତି ଭତରା, ଅସମତି ନାୟକ, ପାର୍ବତୀ ଭତରା, ଶ୍ୟାମ ମାଝି। ଦରକାର ଥିଲେ ମଧ ବ୍ୟାଙ୍କ ପକ୍ଷରୁ କେବଳ ୫ ହଜାର ଟଙ୍କା ଦିଆଯାଉଛି। ଲିଙ୍କ୍ ନ ଥିବା କହି ଫେରାଇ ଦିଆଯାଉଛି। ଆମେ ହନ୍ତସନ୍ତ ହେଉଛୁ। ବ୍ୟାଙ୍କରେ ବି କେହି ସହଯୋଗ କରୁନାହାନ୍ତି ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ଗ୍ରାହକମାନେ ଦାବି କରିଛନ୍ତି। ଏ ନେଇ ଲିଙ୍କ ପ୍ରଦାନ କରୁଥିବା ପାପଡାହାଣ୍ଡିର ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କୁ ପଚାରିବାରୁ କୋରାପୁଟ ନିକଟରେ ତାର କଟି ଯାଇଥିବାରୁ ସମସ୍ୟା ହେଉଛି ବୋଲି ସେ କହିଛନ୍ତି।



ବ୍ୟାଙ୍କ ଆଗରେ ପ୍ରତିବାଦ ଜଣାଉଥିବା ଗ୍ରାହକମାନେ ।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ମୁକୁନ୍ଦପୁର ସରପଞ୍ଚ



**କୋଲନରା,୧୬ା୩(ଡି.ଏନ୍.ଏ.):** ରାୟଗଡା ଜିଲା କୋଲନରା ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତରେ ବୁଧବାର ନବ ନିର୍ବାଚିତ ସରପଞ୍ଚ ସନ୍ତୋଷିନୀ ହୁଇକା ନିଜ ସମର୍ଥକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଛନ୍ତି। ପିଇଓ କମଳାକାନ୍ତ ରାଉତ ନୂତନ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମୁକୁନ୍ଦପୁର ପଞ୍ଚାୟତର ୧୪ ୱାର୍ଡର ତୃଣମୂଳ ସ୍ତରର ବିକାଶ କରିବା ସହ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ସମସ୍ୟା, ଷ୍ଟ୍ରିଟ୍ ଲାଇଟ ସମସ୍ୟା, ପାନୀୟ ଜଳ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିକାଶ ଦିଗରେ ଧ୍ୟାନ ଦେବେ ବୋଲି ସନ୍ତୋଷିନୀ କହିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତର ଉନ୍ନତି ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ସହ ସମିତିସଭ୍ୟ ପାଣ୍ଠି, ଜିଲା ପରିଷଦ ଓ ପଞ୍ଚାୟତ ପାଣ୍ଠିର ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ୧୪ ୱାର୍ଡର ୱାର୍ଡ ସଭ୍ୟା ସଭ୍ୟମାନେ ଉପସ୍ଥିତ ଥିଲେ। ସମିତିସଭ୍ୟ ଅଜୟ ନିସାଲ, ନାଏବ ସରପଞ୍ଚ ଦାଶରଥି ନୀଳକଣ୍ଠ, ଯୋଗାଣ ସହାୟକ ସୁବାସ ହୁଇକା, ଜିଆର୍ଏସ୍ ଜଗଦୀଶ ନୀଳଗିରି ଓ ପୂର୍ବତନ ସରପଞ୍ଚ ଏଙ୍କେଟି କଣ୍ଡାଗରି, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଝୁଲନ୍ତା ମୃତଦେହ ଜବତ

**ପାଟଣା,୧୬ା୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତର ସାନ ଜାମୁପଶି ଗ୍ରାମ ସ୍ଥିତ ଏକ ଗଛରୁ ବୁଧବାର ସକାଳେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ରାଜ ମୁଣ୍ଡା। ଥାନା ଏସ୍ଆଇ ଶିବଶଙ୍କର ଆଲଦା ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନି।

### ମହୁଲି ମଦ କାରଖାନାରେ ଚଢ଼ାଉ, ୨ ଗିରଫ

**ପାଟଣା, ୧୬ା୩ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ତୁରୁମୁଙ୍ଗା ଥାନା ଅଧୀନ ହୀରାପଶି, ନାଳ କୂଳରେ ଚାଲିଥିବା ବେଆଇନ ମହୁଲି ମଦ କାରଖାନା ଓ କେନ୍ଦେଇପଶିରେ ବୁଧବାର ଚଢ଼ାଉ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନାଙ୍କ ନେତୃତ୍ୱରେ ଏପିଆର୍ ଫୋର୍ସ, ମୋବାଇଲ ସ୍କ୍ୱାଡ୍ ଓ ପାଟଣା, କେନ୍ଦୁଝର ଅବକାରୀ ଅଧିକାରୀ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ମହୁଲି ମଦ ଜବତ କରିଛନ୍ତି। ଏଥିସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇଜଣ ହେଲେ ହୀରାପଶି ଗ୍ରାମର ସନାତନ ମାଝି ଓ କେନ୍ଦେଇପଶିର ମୀନାକ୍ଷି ବେହେରା। ସେମାନଙ୍କଠାରୁ ୧୧୦ ଲିଟର ମହୁଲି ମଦ ଜବତ ସହ ୯ ହଜାର କିଲୋ ପୋଚ ନଷ୍ଟ କରାଯାଇଛି। ପାଟଣା ଅବକାରୀ ଅଧିକାରୀ ଜନାର୍ଦ୍ଦନ ପଲେଇ, ଜିଲା ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଚନ୍ଦନ ମଣ୍ଡଳ, ସଦର ଅବକାରୀ ଅଧିକାରୀ ରଞ୍ଜନ କୁମାର ପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

**କେନ୍ଦୁଝର, ୧୬ା୩ (ସ୍ୱ.ପ୍ର.):** କେନ୍ଦୁଝର ସଦର ରେଞ୍ଜ ମଇଦାନକେଲ ବିଟ୍ ଅନ୍ତର୍ଗତ ମଇଦାନକେଲ ଏବଂ କେରୀ ଗ୍ରାମରେ ପାଲା ମାଧମରେ ଗ୍ରାମବାସୀଙ୍କୁ ଜଙ୍ଗଲ ନିଆଁ ରୋକିବାକୁ ସଚେତନତା କରାଯାଇଥିଲା। ଜଙ୍ଗଲ ନିଆଁ ଯୋଗୁ ପ୍ରତ୍ୟେକ ବର୍ଷ ବହୁ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ବନ୍ୟପ୍ରାଣୀ ମୃତ୍ୟୁବରଣ କରୁଛନ୍ତି। ପାଲା ମାଧମରେ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ବିଶେଷ କରି ଜଙ୍ଗଲ ସମ୍ପଦର ସୁରକ୍ଷା ସହ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବାକୁ ପାଲା ମାଧମରେ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରକଳ୍ପର ସୁଶାନ୍ତ ବେହେରା, ସାମ୍ବାଦିକ ପ୍ରଦୀପ ମହାନ୍ତି, ରାମଜୀ ପାଲା ଦଳର ଗାୟକ ଯୋଗେନ୍ଦ୍ର ମହାନ୍ତ ଏବଂ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ଏଥିରେ ବନ ବିଭାଗର ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ, ଫାୟାର ସ୍କ୍ୱାଡର କର୍ମଚାରୀ, ମଇଦାନକେଲ ଏବଂ କେରୀ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ୪ ଘାଟି ମଝିରେ ଥିବା ଗାଁର ନାଁ ଗଦଲିଗୁମ୍ମା

**ଦଶମନ୍ତପୁର,୧୬ା୩(ଡି.ଏନ୍.ଏ. )**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଏପରି ଗ୍ରାମ ରହିଛି ଯେଉଁଠି ଆଜି ଯାଏ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିନାହିଁ। ଏଭଳି ଏକ ଗ୍ରାମ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତର ଗଦଲିଗୁମ୍ମା ଗ୍ରାମ। ୪ ଘାଟି ମଝିରେ ଥିବା ଏହି ଗ୍ରାମରେ ବସବାସ କରନ୍ତି ୩୭ ପରିବାର। ପୋଡୁଚାଷ ହେଉଛି ଗ୍ରାମବାସୀଙ୍କ ଜୀବିକା। ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଏବଂ ବିଦ୍ୟୁତ୍ ଆଲୋକ ଏକ ପ୍ରକାର ସ୍ୱପ୍ନ ପାଲଟିଛି। ଗ୍ରାମ ନିକଟରେ ବିଦ୍ୟାଳୟ ନ ଥିବାରୁ ଗାଁର ୩୦ ଜଣ କେହି ପଢ଼ିଛନ୍ତି ତ କେହି ନାହିଁ। ଗ୍ରାମରେ କେହି ଦଶମ ପାସ୍ ପିଲା ନାହାନ୍ତି। ପାନୀୟ ଜଳ ପାଇଁ ଗ୍ରାମରେ ନଳକୂପଟିଏ ନାହିଁ। ନିକଟସ୍ଥ ଝରଣା ଗ୍ରାମବାସୀଙ୍କ ଭରସା। ଏହି ପାଣି ବ୍ୟବହାରକରି ଲୋକେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଘଞ୍ଚ ଜଙ୍ଗଲିଆ ରାସ୍ତା ଯୋଗୁ ଗାଁକୁ ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ଆସିପାରେ ନାହିଁ।



ଗଦଲିଗୁମ୍ମା ଗ୍ରାମକୁ ଯାଇଥିବା ରାସ୍ତା।

କେହି ଅସୁସ୍ଥ ହୋଇପଡ଼ିଲେ ଗ୍ରାମବାସୀ ଏଠାରୁ ୫ କି.ମି. ଦୂର କଲାଟି ଛକଯାଏ ରୋଗୀଙ୍କୁ ବୋହିନେଇ ଡାକ୍ତରଖାନା ନେଇଥାନ୍ତି ବୋଲି କହନ୍ତି ଗ୍ରାମର ସମ୍ବାରୁ ମୁଦୁଲି, ରୁବାନ୍ ଜାନି, ଭୁଞ୍ଜି ମୁଦୁଲି, ମଦନ ମୁଦୁଲି ଓ ବୁଦୁ ଜାନି। ବିଦ୍ୟୁତ୍ ଆଲୋକ ପାଇଁ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି ଅଥଚ ଏଯାଏ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସଞ୍ଜ ହେଲେ ଡିବିରି ଆଲୁଅ ହିଁ ଲୋକଙ୍କ ଭରସା। ଗ୍ରାମରେ ଆଜି ଯାଏ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିନାହିଁ। ଗ୍ରାମ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲାରେ ହୋଇଥିବା ବିକାଶ କାର୍ଯ୍ୟ ଭୋଟରଙ୍କୁ ଜଣାଇଲେ



ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଓ ଦଳୀୟ ପ୍ରାର୍ଥୀମାନେ ଜିଲାରେ ହୋଇଥିବା ଉନ୍ନୟନ ମୂଳକ ପ୍ରକଳ୍ପର ସୂଚୀ ପ୍ରଦର୍ଶନ କରୁଛନ୍ତି।

- ବିଜେଡିର ବିଶାଳ ସମାବେଶ
- ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ରାଜ୍ୟସଭା ସଦସ୍ୟ

**ରାୟଗଡ଼ା ଅଫିସ,୧୬ା୩**

ପୌର ନିର୍ବାଚନ ପୂର୍ବରୁ ରାୟଗଡ଼ାଠାରେ ବିଜେଡି ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ବିକାଶ ମଡେଲକୁ ଦେଖି ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଛନ୍ତି।

ଦଳ ପକ୍ଷରୁ ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ବିଷୟରେ ଅବଗତ କରାଇ ଭୋଟରଙ୍କ ମନ ଜିଣିବାକୁ ଉଦ୍ୟମ କରିଛି। ରାୟଗଡ଼ା ପୌରପାଳିକା ଅଧୀନ ୨୪ ୱାର୍ଡର କାଉନ୍ସିଲର ପ୍ରାର୍ଥୀ ଓ ପୌରାଧ୍ୟକ୍ଷ ପ୍ରାର୍ଥୀ ମହେଶ ପଟ୍ଟନାୟକଙ୍କ ଔପଚାରିକ ପରିଚୟ ପ୍ରଦାନ କରିବା ସହ ଆଗାମୀ ନିର୍ବାଚନରେ ଦଳୀୟ ଚେହେରାଙ୍କୁ ଭୋଟ ଦେଇ ଜିତାଇବାକୁ ରାଜ୍ୟସଭା ସଦସ୍ୟ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶ ହିଁ ବିରୋଧିଙ୍କ ପ୍ରଶ୍ନର ଉତ୍ତର। ଦଳକୁ ପୁଣି ବହୁମତ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କଲେ ଜିଲାରେ ବିକାଶର ଧାରା ଅବ୍ୟାହତ ରହିବ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଗତ ଦୁଇ ଦଶନ୍ଧିରୁ ରାୟଗଡ଼ାରେ ହୋଇଥିବା ଉନ୍ନୟନ ମୂଳକ ପ୍ରକଳ୍ପର ଏକ ସୂଚୀ ରାଜ୍ୟସଭା ସଦସ୍ୟ ଜାରି କରିଛନ୍ତି। ସହରାଞ୍ଚଳ ବାକାଶ ସକାଶେ ୬ କୋଟି ଟଙ୍କା ବ୍ୟୟରେ ବସଷ୍ଟାଣ୍ଡ ଉନ୍ନତିକରଣ, ଅଡିଟୋରିୟମ ନିମନ୍ତେ ୧୪କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଶିକ୍ଷାର ବିକାଶ ନିମନ୍ତେ ସହରର ୪ ବିଦ୍ୟାଳୟକୁ ୫-ଟି ଅଧୀନରେ ରୂପାନ୍ତରିକରଣ, ଜିଲା ଚିକିତ୍ସାଳୟରେ ଅଧୁନିକ ଚିକିତ୍ସା ନିମନ୍ତେ ନିରନ୍ତର ଉଦ୍ୟମ ସହ ସହରାଞ୍ଚଳରେ ୨ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। ଏହା ବ୍ୟତୀତ ସହରର ୨୪ଟି ୱାର୍ଡରେ ଆଲୋକିକରଣ, ପରିମଳ ବ୍ୟବସ୍ଥା ସୁପରିଚାଳନା, ସହରର ସୌନ୍ଦର୍ଯ୍ୟକରଣ ସକାଶେ ପ୍ରମୋଦ ଉଦ୍ୟାନ, ପାନୀୟ ଜଳ ବ୍ୟବସ୍ଥା ଓ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। କୋଭିଡ୍ ସମୟରେ ଉଠା ଦୋକାନୀଙ୍କୁ ଆର୍ଥିକ ସହାୟତା ଓ ନିର୍ମାଣ ଶ୍ରମିକଙ୍କୁ ରାଜ୍ୟ ସରକାର ଆର୍ଥିକ ସହାୟତା ଦେଇଥିବା ସେ ଭୋଟରଙ୍କୁ ଅବଗତ କରାଇଛନ୍ତି।

### ଅଧ୍ୟକ୍ଷ ଓ କାଉନସିଲର ପ୍ରାର୍ଥୀଙ୍କୁ ତାଲିମ୍

**ଜୟପୁର,୧୬ା୩ (ନି.ପ୍ର.)**

ଜୟପୁର ଟାଉନ ହଲଠାରେ ପୌର ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଧକ୍ଷ ଓ କାଉନସିଲର ପ୍ରାର୍ଥୀଙ୍କୁ ବୁଧବାର ତାଲିମ ପ୍ରଦାନ କରାଯାଇଛି। ଉପ ଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ପ୍ରାର୍ଥୀଙ୍କୁ ଆଦର୍ଶ ଆଚର ବିଧି କିପରି ମାନିବା, ଦୈନିକ ଖର୍ଚ୍ଚର ତାଲିକା, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝଗଡା ନ କରିବା ନେଇ ବିଭିନନ ପରାମର୍ଶ ଦେଇ ତାଲିମ ଦେଇଥିଲେ। ଏହା ୨ଟି ଇଭିଏମରେ ୯ ଜଣ ଲେଖାଏ ପ୍ରାର୍ଥୀଙ୍କ ଚିହ୍ନ ରଖିବା ନେଇ ଅଧକ୍ଷ ପ୍ରାର୍ଥୀମାନେ ନାପସନ୍ଦ କରି ଏନେଇ ଉପ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଶିବିରରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଯୌତୁକ ନିର୍ଯାତନା ଅଭିଯୋଗ

**ଜୟପୁର,୧୬ା୩ (ନି.ପ୍ର.)**

ଜୟପୁର ମହିଳା ଥାନାରେ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ୨ଟି ଅଭିଯୋଗ ହୋଇଛି। ବୋରିଗୁମ୍ମା ଅଞ୍ଚଳର କମଳା ବିଷୋୟୀ ଗତ ୨୦୧୯ରେ ନବରଙ୍ଗପୁର ଜିଲା ଖାତିଗୁଡାର ଗୁପ୍ତ ସାହୁ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀ , ଶାଶୁ ମିଶି ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା କମଳା ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ କମଳାଙ୍କ ସ୍ୱାମୀ ସମେତ ୫ଜଣଙ୍କ ନାମରେ ୨୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସେହିପରି କୋରାପୁଟ ଜିଲା କୁନ୍ଦୁଲିର ସରିତା ବଡବୁରା ଗତ ୨ ବର୍ଷ ତଳେ ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡାର କେଶବ ଡଙ୍ଗରଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ଓ ତାଙ୍କ ପରିବାର ମିଶି ତାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ସରିତା ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୨୯/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି ।

# କତାମାଟେରୁ ଗ୍ରାମରେ ଗ୍ରାମସଭା

## ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ଦାବି ପୂରଣ କରାଯିବ



ଗ୍ରାମସଭାରେ ଉପସ୍ଥିତ ମହିଳା ପୁରୁଷ।

**ମାଲକାନଗିରି,୧୬ା୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ କତାମାଟେରୁ ଗ୍ରାମରେ ବୁଧବାର ପ୍ରସ୍ତାବିତ ଖଣି ଅଞ୍ଚଳ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ଅଧିକାର ନିୟମ ଅନୁସାରେ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଗତ ୧୨ ତାରିଖରେ କତାମାଟେରୁ ପଞ୍ଚାୟତର ୯ଟି ଗ୍ରାମକୁ ନେଇ ମାଟାପାକାଠାରେ ପ୍ରଶାସନ ପକ୍ଷରୁ ଜନ ଶୁଣାଣି ହୋଇଥିଲା। ଏହି ଶୁଣାଣିରେ ପଞ୍ଚାୟତବାସୀ ସେମାନଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଉପସ୍ଥିତ ଥିବା ଡାଲମିଆ ସିମେଣ୍ଟ କମ୍ପାନୀର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ରାଉତ ଅଞ୍ଚଳବାସୀଙ୍କ ଦାବିକୁ ମାନି ନେଇ କତାମାଟେରୁ ଗ୍ରାମବାସୀ ବିସ୍ଥାପିତ ହେବେନାହିଁ ବୋଲି ଘୋଷଣା କରି ଅନ୍ୟାନ୍ୟ ଦାବିଗୁଡିକୁ ମାନି ନେଇଥିଲେ। ଫଳରେ ବୁଧବାର ପ୍ରସ୍ତାବିତ ଖଣି ଅଞ୍ଚଳର କତାମାଟେରୁ ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା ହୋଇଥିଲା। ସଭାରେ ଗ୍ରାମବାସୀ ତାଙ୍କର ପୁରାତନ ମନ୍ଦିର ଓ ଶ୍ମଶାନକୁ ରାସ୍ତା ଉନ୍ନତୀକରଣ କରିବା ପାଇଁ ଦାବି ରଖିଥିଲେ। ସେମାନେ ଅଶିକ୍ଷିତ କିପରି କମ୍ପାନୀରେ ଚାକିରି ପାଇବେ ବୋଲି ପ୍ରଶ୍ନ ଉଠାଇଥିଲେ। ସେମାନଙ୍କ ଚାକିରି ସମ୍ପର୍କରେ କମ୍ପାନୀ ସଚେତନ ଅଛି। ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ସେମାନଙ୍କୁ କିପରି ଚାକିରି ମିଳିବ ଏବଂ ଅଞ୍ଚଳର ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରାଯିବ ସେଥିପ୍ରତି ଗୁରୁତ୍ୱାରୋପ କରାଯାଉଛି ବୋଲି ନିର୍ବାହୀ ଅଧିକାରୀ ରାଉତ ପ୍ରକାଶ କରଥିଲେ। ଗ୍ରାମସଭାରେ ମାଲକାନଗିରି ତହସିଲଦାର, ମାଟାପାକା ପିଇଓ, ରାଜସ୍ୱ ଅଧିକାରୀ, ବନାଞ୍ଚଳ ଅଧିକାରୀଙ୍କ ସହ ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମାଲକାନଗିରି ଜିଲାର ଛତିଶଗଡ ସୀମାନ୍ତକୁ ଲାଗିଥିବା ସାବେରୀ ନଦୀ ନିକଟବର୍ତ୍ତୀ କତାମାଟେରୁ ଗ୍ରାମରେ ବହୁଳ ପରିମାଣରେ ଚୁନପଥର ଗଚ୍ଛିତ ଥିବା ସର୍ଭେରୁ ଜଣାପଡିବା ପରେ ଏହାକୁ ୨୦୧୭ରେ ରାଜ୍ୟ ସରକାର ନିଲାମ କରିଥିଲେ। ଏହି ନିଲାମକୁ ଡାଲମିଆ ସିମେଣ୍ଟ କମ୍ପାନୀ ୧୨.୦୫ ପ୍ରତିଶତ ପ୍ରିମିୟମ ଦେଇ ୫୦ ବର୍ଷ ପାଇଁ ଲିଜରେ ନେଇଛି। ଖଣି ପାଇଁ ୮୦୧.୧୭୧ ହେକ୍ଟର ଜମି ଆବଶ୍ୟକ ଥିବା ବେଳେ ଏଥିରୁ ବେସରକାରୀ ଲୋକଙ୍କ ୧୪୮.୮୬୬ ଜମି ରହିଛି। ଅବଶିଷ୍ଟ ଜମି ସରକାରୀ ଏବଂ ପତ୍ର ଜଙ୍ଗଲ ରୂପେ ରହିଛି।

# କିଟ୍ ପରିଚାଳନା ସଂକ୍ରାନ୍ତରେ କ୍ଷେତ୍ର ପ୍ରଦର୍ଶନ, ତାଲିମ କାର୍ଯ୍ୟକ୍ରମ



ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ଜୟପୁର,୧୬ା୩ (ନି ପ୍ର)**

ଏମ୍.ଏମ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କଟକର ମିଳିତ ଆନୁକୂଲ୍ୟରେ କୋରାପୁଟ ଜିଲାରେ ବିନା ରାସାୟନିକ ଔଷଧ ବ୍ୟବହାର କରି କିପରି ଧାନ, ଚିନାବାଦାମ, ମକା, ପନିପରିବା ଓ ଡାଲି ଜାତୀୟ ଫସଲକୁ କୀଟନାଶକ କବଳରୁ ରକ୍ଷା କରାଯାଇପାରିବ ସେ ସଂକ୍ରାନ୍ତୀୟ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ କୁନ୍ଦୁରା ବ୍ଲକ ଜିରାଗୁଡା ଏବଂ ବୈପାରିଗୁଡା ବ୍ଲକର କୁରୁକୁଟି ମାଳିଗୁଡାରେ ଅନୁଷ୍ଠିତ ହୋଇଯାଇଛି । ଜୈବିକ ହାରମ୍ୟାନ ଟ୍ରାପଲିଂ ଯନ୍ତ୍ର ବ୍ୟବହାର କରି କମ ଖର୍ଚ୍ଚରେ ଏହା ବ୍ୟବହାର କରି ଫସଲକୁ ରକ୍ଷା କରାଯାଇପାରିବବୋଲି ମୁଖ୍ୟ ବୈଜ୍ଞାନିକ ଡାକ୍ତର କେ. ରାଜ ଶେଖର ରାଓ ପ୍ରକାଶ କରିଛନ୍ତି । ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ କେମିକାଲ ଟେକନୋଲୋଜି ଦ୍ୱାରା ବିକଶିତ ହୋଉଥିବା ଉପରୋକ୍ତ ଯନ୍ତ୍ର ଦ୍ୱାରା ପୋକକୁ ରୋକାଯାଇ ପାରିବ ବୋଲି ସେ ଚାଷୀଙ୍କୁ ବୁଝାଇଥିଲେ। କୁନ୍ଦୁରା ବ୍ଲକର ୪୪ ଜଣ ଓ ବୈପାରିଗୁଡା ବ୍ଲକ ୬୨ଜଣ ଚାଷୀ ଏହି ଅବସରରେ ତିଲିମ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗବେଷଣା ପ୍ରତିଷ୍ଠାନର ଉନ୍ନୟନ ସଂଯୋଜକ ନିରଞ୍ଜନ ଗୌଡ, ଅଜିତ ସାହୁ, ରଞ୍ଜିତା ଦଳାଇ,ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ରର କ୍ଷେତ୍ର ସହାୟିକା ନଗମା ସହିକ, ଉମା ମହେଶ୍ୱରୀ, ଚିତ ରଞ୍ଜନ ସେଠୀ, ରଞ୍ଜନିକାନ୍ତ ପରିଡା ସହଯୋଗ କରିଥିଲେ ।

# କୋରାପୁଟରେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୋରାପୁଟ/ଜୟପୁର, ୧୬ା୩(ସ୍ୱ.ପ୍ର./ନି.ପ୍ର.)**

ଭାରତୀୟ ରେଡ଼କ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖା ଓ ଜିଲା ଜୁନିୟର ରେଡ଼କ୍ରସ ସୋସାଇଟି କୋରାପୁଟର ମିଳିତ ଆନୁକୂଲ୍ୟରେ କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ୧୪ଟି ବ୍ଲକରୁ ୩୦ ଜଣ ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବେଟି ଏବଂ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଜୟ ସାହୁ, ଜିଲା ବିପର୍ଯ୍ୟୟ ପରିଚାଳନା ଉପଦେଷ୍ଟା ଅସୀମ ମହାପାତ୍ର, ଜିଲା ବିପର୍ଯ୍ୟୟ ପରିଚାଳନାର ବିଭାଗୀୟ ଅଧିକାରୀ ପ୍ରକାଶ ସାମଲ,ଶାରୀରିକ ଶିକ୍ଷା ପରିଦର୍ଶକ ଭୀମ ବେହେରା, ଜିଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଯୋଗ ଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ରେଡ଼କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସମ୍ପର୍କରେ ଆଲୋକପାତ କରିଥିଲେ। ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନେ ନିଜ ନିଜ ବିଦ୍ୟାଳୟରେ ପିଲାଙ୍କୁ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସାଧନକର୍ମୀ ହରେକୃଷ୍ଣ ମହାରଣା ଅତିଥି ପରିଚୟ ଓ ଜିଲା ଜ୍ୟୋତିରଞ୍ଜନ ନନ୍ଦ ଧନ୍ୟବାଦ ଦେଇଥିଲେ। ଜିଲା ସାଧନକର୍ମୀ ସାହେଦା ପରବିନଙ୍କ ସମେତ ଶିବିରାର୍ଥମାନେ ଅନୁଭୂତି ବର୍ଣ୍ଣନା କରିଥିଲେ। ଶ୍ରେଷ୍ଠ ପରାମର୍ଶଦତା ଭାବେ ରାଜେନ୍ଦ୍ର ସେଠୀ ଓ ବାଳକୃଷ୍ଣ ଷଡ଼ଙ୍ଗୀଙ୍କୁ ଶିବିର ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିବିରାର୍ଥୀମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

# ସରିଲା ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ

**ଭଣ୍ଡାରିପୋଖରୀ, ୧୬ା୩ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ପ୍ରସିଦ୍ଧ ମୁନ୍‌ସୀ ମେଳଣ ବୁଧବାର ଉଦ୍‌ଯାପିତ ହୋଇଛି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ମେଳଣରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ରାଧାକୃଷ୍ଣ ବସିଥିବା ସୁସଜ୍ଜିତ ବିମାନ ମଙ୍ଗଳବାର ରାତିରେ ଆଟୋପ ଶୋଭାଯାତ୍ରାରେ ଆସି ଥାନା ପରିସର ମେଳଣ ମଣ୍ଡପରେ ପହଞ୍ଚିଥିଲେ। ୪୫ ବିମାନ ଏଥିରେ ସାମିଲ ହୋଇଥିଲେ। ଭଣ୍ଡାରିପୋଖରୀ ଥାନା ପକ୍ଷରୁ ପ୍ରତ୍ୟକ ବିମାନ ପାଖରେ ଭୋଗ ଲଗାଯାଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ବିଡିଓ ଦେବଦତ୍ତ ଦାସ, ଥାନାଧିକାରୀ ଅମିତାଭ ଦାସ, ସାମଜିକ କର୍ମୀ ବଦ୍ରିନାରାୟଣ ଧଳ, ରଜନୀକାନ୍ତ ଚନ୍ଦ, ସରପଞ୍ଚ ବର୍ଷାରାଣୀ ଜେନା, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଭରତ ଚନ୍ଦ୍ର କରଣ ପ୍ରମୁଖ ଏହି ମେଳଣର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋର ୪ଟାରୁ ଥାନା ପରିସରକୁ ଠାକୁର ବାଡ଼ିଆଙ୍କୁ ପ୍ରଥା ଅନୁଯାୟୀ ମେଳଣ କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ଦକ୍ଷିଣବାଡ଼, ଉତ୍ତରବାଡ଼, ତୋରତ, ହାର୍ଟଡିହୀ, ମୋବାରକପୁର, ସାହାରାଗଡ଼ିଆ, ପାଳଦା, ଚନ୍ଦ୍ରଭାନୁପୁର, ଧାମନଗର ବ୍ଲକର ଆନନ୍ଦପୁର ଆଦି ଗ୍ରାମରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଶୋଭାଯାତ୍ରାରେ ଅଣାଯାଇଥିଲା। ଶୋଭାଯାତ୍ରାରେ ଆସିଥିବା ଦୋଳ ମେଳଣ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମେଳଣ କମିଟି ସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ।



ମୁନ୍‌ସୀ ମେଳଣକୁ ଆସିଥିବା ବିମାନ।

# ବେଳାଭୂମି ସଫେଇ ଲାଗି ଦିନଟିଏ

**ବାଲିଆପାଳ, ୧୬ା୩(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ସିମୁଲିଆ ଦୈନିକ ପରିବା ମାର୍କେଟର ସାରସ୍ୱତ ପରିବା କମିଟି ସଭାପତି ଅନନ୍ତ ନାୟକଙ୍କ ନେତୃତ୍ୱରେ ବୁଧବାର ଡଗରା ବେଳାଭୂମିରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିମୁଲିଆ ଦୈନିକ ପରିବା ମାର୍କେଟର ୨ଶହରୁ ଅଧିକ ପରିବା ବ୍ୟବସାୟୀ ଗୋଟିଏ ଦିନ ନିଜର ବ୍ୟବସାୟ ବନ୍ଦ କରି ଡଗରା ବେଳାଭୂମିର ବାମପାର୍ଶ୍ୱରେ ଥିବା ଝାଉଁ ଜଙ୍ଗଲରେ ପଡ଼ିଥିବା ଆବର୍ଜନାକୁ ସଫା କରିବା ସହିତ ପ୍ରତିବର୍ଷ ଗୋଟିଏ ଦିନ ବେଳାଭୂମିକୁ ସଫେଇ କରିବା ଲାଗି ଶପଥ ନେଇଛନ୍ତି।

ସରକାର ଡଗରା ବେଳାଭୂମିକୁ ବେଳାଭୂମିର ମାନ୍ୟତା ଦେବା ପରେ ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ପର୍ଯ୍ୟଟକ ଡଗରା ବେଳାଭୂମିକୁ ଆସୁଛନ୍ତି। ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲର ଶାଇଁ ଶାଇଁ ଶବ୍ଦ ସହିତ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ବଣ ଭୋଜିର ମଜା ନିଆରା। ସେଥିପାଇଁ ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଭିଡ଼ ଡଗରା ବେଳାଭୂମିରେ ଲାଗି ରହୁଛି। ପର୍ଯ୍ୟଟକଙ୍କ ବଣଭୋଜିର ବଳକା ଖାଦ୍ୟ ଓ ଖାଇବା ପତ୍ର ପର୍ଯ୍ୟଟକମାନେ ସେହିଠାରେ ପକାଇଦେଇ ଘରକୁ ଫେରିଯାଆନ୍ତି। ଏଣେତେଣେ ପଡ଼ିଥିବା ବଳକା ଖାଦ୍ୟ ଓ ପରିତ୍ୟକ୍ତ ଖାଇବା ପତ୍ର ପଚି ସଡ଼ି ପ୍ରାକୃତିକ ପରିବେଶକୁ ଦୂଷିତ କରୁଛି। ଏଥିପ୍ରତି ସରକାର କିମ୍ବା ସ୍ଥାନୀୟ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ବେଳାଭୂମିକୁ ସଫା କରାଯାଉଥିବା କଥା ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ କୁଶଧ୍ୱଜ ଜେନା କହନ୍ତି। ଏସବୁ ଘଟଣା ଶୁଣିବା ପରେ ସାରସ୍ୱତ ପରିବା କମିଟିର ସଦସ୍ୟମାନେ ବୁଧବାର ଏକାଠି ହୋଇ ବେଳାଭୂମିକୁ ସଫେଇ କରିଥିଲେ। କମିଟି ସମ୍ପାଦକ ଗୋବିନ୍ଦ ପାଗଳ, ରବୀନ୍ଦ୍ର ରାଉଳ, ଶରତ ପାତ୍ର, ଅଜୟ ପ୍ରାମାଣିକ, ମନ୍ମଥ ନାୟକ, ନାରାୟଣ ଜେନା, ରମେଶ ସାହୁ, ଖଗେନ୍ଦ୍ର ଭୂୟାଁ, ପ୍ରଶାନ୍ତ ମାଝି, କାଳୀଚରଣ ପ୍ରଧାନ, ସତ୍ୟନାରାୟଣ ସାହୁଙ୍କ ସହିତ କମିଟିର ସମସ୍ତ ସଦସ୍ୟ ପ୍ରତିବର୍ଷ ଗୋଟିଏ ଦିନ ବେଳାଭୂମିକୁ ସଫେଇ କରିବାର ଶପଥ ଗ୍ରହଣ କରିବା ସହିତ ଡଗରା ବେଳାଭୂମିର ବିକାଶ ପାଇଁ ବାଲିଆପାଳ ତହସିଲଦାରଙ୍କ ଜରିଆରେ ପର୍ଯ୍ୟଟନ ବିଭାଗଙ୍କୁ କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବା ନେଇ ସିଦ୍ଧାନ୍ତ ନିଆଯାଇଥିବା କମିଟି ସଦସ୍ୟମାନେ କହିଛନ୍ତି।



ସାରସ୍ୱତ ପରିବା କମିଟି ସଦସ୍ୟମାନେ ବେଳାଭୂମି ସଫେଇ କରୁଛନ୍ତି।

